# ଟ୍ରାଫିକ୍ ପୋଷ୍ଟ ଅଛି, ନାହାନ୍ତି ପୋଲିସ



ଶନି ମନ୍ଦିର ଛକରେ ଭିଡ଼।

■ଶନିବାରରେ ଶନିମନ୍ଦିର ଛକ ଜାମ୍
■ରାସ୍ତା ଉପରେ ହେଉଛି ପାର୍କିଂ

ଭଦ୍ରକ,୨୨।୨(ସନାତନ ରାଉତ)

ଭଦ୍ରକ ସହରର ବ୍ୟସ୍ତବହୁଳ ଶନିମନ୍ଦିର ଛକରେ ପୌରପାଳିକା ପକ୍ଷରୁ ଟ୍ରାଫିକ୍ ପୋଷ୍ଟ ରହିଛି, କିନ୍ତୁ ଟ୍ରାଫିକ ପୋଲିସ ମୁତୟନ ହେଉନାହାନ୍ତି। ଫଳରେ ଏହି ଚାରିଛକି ରାସ୍ତାରେ ଟ୍ରାଫିକ ଜାମ୍ ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ନୂଆ ବସ୍‌ଷ୍ଟାଣ୍ଡରୁ ଚାନ୍ଦବାଲି ବାଇପାସ୍, ଚରମ୍ପାରୁ ଭଦ୍ରକ କଚେରି ବଜାର, ବ୍ୟବସାୟର ପେଣ୍ଠସ୍ଥଳ ପୁରୁଣାବଜାରରୁ ଭଦ୍ରକ ସହରକୁ ସଂଯୋଗ କରୁଥିବା ଏହି ବ୍ୟସ୍ତବହୁଳ ଛକଟି ସବୁବେଳେ ଜନଗହଳି ଥାଏ। ଏହି ଛକରେ ଶନିମନ୍ଦିର ଓ ରାଜରାଜେଶ୍ୱରୀୟ ଶିବ ମନ୍ଦିର ଥିବାରୁ ବିଶେଷ କରି ଶନିବାର ପୂର୍ବାହ୍ନ ଓ ସନ୍ଧ୍ୟାରେ ପ୍ରବଳ ଗହଳି ହୋଇଥାଏ। ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବହୁ ଶ୍ରଦ୍ଧାଳୁ ଆସୁଥିବାରୁ ଶନିବାର ଭିଡ଼ ଜମୁଛି। ଏହି ରାସ୍ତା ଦେଇ ଚାନ୍ଦବାଲିରୁ ଭଦ୍ରକ ଆସୁଥିବା ବସ୍ ଯାତାୟାତ କରୁଥିବା ବେଳେ ସ୍କୁଲ ବସ୍, ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଜାମ୍‌ରେ ଫସି ରହୁଛି। ଶ୍ରଦ୍ଧାଳୁମାନେ ମନ୍ଦିର ସାମ୍ନା ଓ ମନ୍ଦିର ପାର୍ଶ୍ୱରେ ରାସ୍ତା ଉପରେ ବାଇକ୍ ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ସବୁଦିନ ନ ହେଲେ ମଧ୍ୟ ଶନିବାର ଟ୍ରାଫିକ୍ ପୋଲିସ ମୁତୟନ କରିବାକୁ ସହରବାସୀ ଦାବି କରିଛନ୍ତି।

ଏନେଇ ସଡ଼କ ସୁରକ୍ଷା ସମିତିର ସଦସ୍ୟ ରୋଟାରିଆନ ଅତିସ୍ ବେହେରା କହିଛନ୍ତି, ସଡ଼କ ସୁରକ୍ଷା ବୈଠକରେ ଟ୍ରାଫିକ ପୋଲିସ ମୁତୟନ ପାଇଁ ବାରମ୍ବାର ଦୃଷ୍ଟିଗୋଚର କରାଯାଇଛି। ଏଠାରେ ଥିବା ଟ୍ରାଫିକ୍ ପୋଷ୍ଟରେ ଟ୍ରାଫିକ ପୋଲିସ ମୁତୟନ ପାଇଁ ମଧ୍ୟ ବାରମ୍ବାର ଦାବି କରାଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ଦାବି ପୂରଣ ହେଉନାହିଁ। ଏହା ଏକ ବ୍ୟସ୍ତବହୁଳ ଛକ ହୋଇଥିବା ବେଳେ ଏଠାରେ ଟ୍ରାଫିକ ଅବ୍ୟବସ୍ଥାକୁ ସୁଧାର ପାଇଁ ଟ୍ରାଫିକ ପୋଲିସ ମୁତୟନ ହେବା ନିହାତି ଜରୁରୀ। ଏନେଇ ଆଇନଜୀବୀ ଗଦାଧର ବଳ କହିଛନ୍ତି, ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ରାସ୍ତା ପ୍ରଶସ୍ତୀକରଣ ସମୟରେ ଶନିମନ୍ଦିରକୁ ଆଉ ଟିକେ ପଛକୁ ନିର୍ମାଣ ନ କରି ରାସ୍ତାକୁ ଲାଗି ନିର୍ମାଣ କରାଯାଇଛି। ଶନିବାରରେ ପ୍ରବଳ ଭିଡ଼ ହେଉଥିବାରୁ ସେହି ଛକ ଅତିକ୍ରମ କରିବା ପାଇଁ ୧୦ରୁ ୧୫ ମିନିଟ୍ ସମୟ ଲାଗୁଛି। ଫଳରେ ଆମ୍ବୁଲାନ୍ସ, ସ୍କୁଲ ବସ୍ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା କର୍ମଚାରୀମାନଙ୍କ ଯାତାୟାତରେ ବିଳମ୍ବ ହେଉଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନହାନି ହେଉଛି। ପ୍ରଶାସନିକ ଅଧିକାରୀମାନେ ଏହି ରାସ୍ତାରେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ପ୍ରଶାସନ ଭିଡ଼ ହଟାଇବା ସହ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

# ବିଦ୍ୟାଳୟରୁ ଚୋରି

ଧାମନଗର,୨୨।୨(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଦଇପୁର ପଞ୍ଚାୟତ ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଜେନା ଏବଂ ପରିଚାଳନା କମିଟି ସଭାପତି ନିରଞ୍ଜନ ଦାସଙ୍କ ପକ୍ଷରୁ ଶନିବାର ଧାମନଗର ଥାନାରେ ଏତଲା ଦିଆଯାଇଛି। ବିଦ୍ୟାଳୟର ମୁଖ୍ୟ ଫାଟକ ଓ ଚାଉଳ ଥିବା ଗୃହର ତାଲା ଭାଙ୍ଗି ଚୋରି ହୋଇଥିବା ଶନିବାର ସକାଳେ ଜଣାପଡ଼ିଥିଲା। ୬ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ, ଇନ୍‌ଭର୍ଟର ବ୍ୟାଟେରି, ଫ୍ୟାନ୍ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ପୋଲିସ ପହଞ୍ଚି ତଦନ୍ତ କରିଛି।

# ୨ ଆଇରନ ବୋଝେଇ ଟ୍ରକ୍ ଧକ୍କା, ୨ ଗୁରୁତର

ବାସୁଦେବପୁର,୨୨।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର-ଧାମରା ରାସ୍ତାର ବାଲିମୁଣ୍ଡା ପଞ୍ଚାୟତ ବଡ଼ହାବେଳୀସାହି ନିକଟରେ ଶନିବାର ପୂର୍ବାହ୍ନରେ ୨ଟି ଆଇରନ ବୋଝେଇ ଟ୍ରକ୍ ମଧ୍ୟରେ ଧକ୍କା ହୋଇ ୨ ଡ୍ରାଇଭର ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ କିଛି ସମୟ ପାଇଁ ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଗୁରୁତର ଦୁଇଜଣ ହେଲେ ଆନନ୍ଦପୁରର ଗଣେଶ୍ୱର ଆପଟ ଓ ତାଳଚେର ଅଞ୍ଚଳର ଡାକ୍ତର ନାୟକ। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# କାଳୀମେଘା ମେଳଣ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ମେଳଣ କମିଟିର କର୍ମକର୍ତ୍ତା।

ତିହିଡ଼ି,୨୨।୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତର କାଳୀମେଘା ଗ୍ରାମସ୍ଥିତ ଦଧିବାମନ ମନ୍ଦିର ପରିସରରେ ଐତିହାସିକ କାଳୀମେଘା ମେଳଣ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନ ୧ଟାରେ ଅନୁଷ୍ଠିତ ହୋଇଯାଇଛି। ଦୋଳ ପୂର୍ଣ୍ଣିମା ରାତିଠାରୁ ଆରମ୍ଭ ହୋଇ ପରଦିନ ସନ୍ଧ୍ୟାରେ ଶେଷ ହେଉଥିବା ଏହି ମେଳଣରେ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମେଳଣରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହାବ୍ୟତୀତ ମେଳଣକୁ କ୍ରମାନ୍ୱୟରେ ଆସୁଥିବା ବିମାନ ସବୁ ଠିକ୍ ସମୟରେ ପଡ଼ିଆରେ ପହଞ୍ଚିବା, ମେଳଣ ସ୍ଥଳକୁ ସଂଯୋଗ କରୁଥିବା ରାସ୍ତାକୁ ଗହଳି କରା ନ ଯିବା, ଡିଜେ ପାଇଁ ଯାତ୍ରୀମାନେ ସମସ୍ୟାରେ ନ ପଡ଼ିବା ଉପରେ ଆଲୋଚନା କରାଯାଇଥିଲା।

କମିଟି ସଭାପତି ବାଣୀକଲ୍ୟାଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକକୁ ସମ୍ପାଦକ ଗଣେଶ ପ୍ରସାଦ ନାୟକ ସଞ୍ଚାଳନ କରିଥିଲେ। ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ସମିତିସଭ୍ୟ ଚିନ୍ତାମଣି ଦାସ, ସୁରେଶ ମହାପାତ୍ର, ରବିନାରାୟଣ ପଣ୍ଡା, ସୁଶାନ୍ତ ପଣ୍ଡା, ରତିକାନ୍ତ ଦାସ, ଅପୂର୍ବ ରଞ୍ଜନ ଦାସ, ପୁରୁଷୋତ୍ତମ ମହାଳିକ, ଲକ୍ଷ୍ମୀଧର ତ୍ରିପାଠୀ, ରବୀନ୍ଦ୍ର ଦାସ, ବିଜୟ ବଳ, ଧନଞ୍ଜୟ ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ମହେଶ ଚନ୍ଦ୍ର ପାଟ, ଅଶୋକ ବଳ ପ୍ରମୁଖ ନିଜର ମତାମତ ରଖିଥିଲେ। ସରପଞ୍ଚଙ୍କ ପ୍ରତିନିଧି ସୁଧାଂଶୁ ମହାଳିକ, ଶିକ୍ଷାବିତ୍ ଧର୍ମପଦ ଗ୍ରହାଚାର୍ଯ୍ୟ, ପ୍ରଫୁଲ୍ଲ ରାଉତ, ଲକ୍ଷ୍ମୀକାନ୍ତ ମହାନ୍ତି, ସୁଧାଂଶୁ ନାୟକ, ଅଜୟ ରାଉତ, ପ୍ରମୋଦ ରାଉତ, ସୁବାସ ଚନ୍ଦ୍ର ବେହେରା, ସର୍ବେଶ୍ୱର ପରିଡ଼ା, ପ୍ରହ୍ଲାଦ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କୋଇଲା ଚୋରା ଚାଲାଣ ବେଳେ ଚଢ଼ାଉ

**ଗାଡ଼ି ସହ ୩ ଟନ୍ କୋଇଲା ଜବତ**

ସାବରଙ୍ଗ,୨୨।୨(କାଳିପଦ ରାୟ)

କୋଇଲା ଚୋରା ଚାଲାଣ ବେଳେ ଭଦ୍ରକ ବ୍ଲକର ଇଚ୍ଛାପୁର ଛକଠାରୁ ପୋଲିସ ଧରିଛି। ଶୁକ୍ରବାର ବିଳମ୍ବିତ ରାତିରେ କୋଇଲା ଚୋରା ଚାଲାଣ ହେଉଥିବା ଖବର ପାଇ ସାବରଙ୍ଗ ଥାନାର ଅତିରିକ୍ତ ଦାୟିତ୍ୱରେ ଥିବା ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ, ଏସ୍‌ଆଇ ଶୁଭେନ୍ଦୁ ମହାନ୍ତି, ଅଧିକାରୀ ଦାସମହାପାତ୍ର, ଏଏସ୍‌ଆଇ ଅଜୟ କୁମାର ଖଟୁଆ ପ୍ରମୁଖ ଇଚ୍ଛାପୁର ଛକଠାରେ ଜଗି ରହିଥିଲେ। ସେରପୁର ଆଡୁ କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଆସୁଥିବା ବେଳେ ଉଭୟ ପଟୁ ପୋଲିସ ଘେରିଯାଇଥିଲା। ଚାଳକ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ୩ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଥିବା ଗାଡ଼ିକୁ ଜବତ କରି ସାବରଙ୍ଗ ଥାନାରେ ରଖାଯିବା ସହ ଏକ ମାମଲା (ନଂ.୪୨/୨୫) ରୁଜୁ କରାଯାଇଛି। ବାସୁଦେବପୁର ପୋଲିସ ଆସି ଚୋରା କୋଇଲା ବୋଝେଇ ଗାଡ଼ି ଧରିଥିବା ବେଳେ ସାବରଙ୍ଗ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

# ଉଠାଦୋକାନୀଙ୍କ ଉପରେ ଜରିମାନା


ରାସ୍ତାପାର୍ଶ୍ୱରୁ ଉଠାଦୋକାନ ହଟାଉଛି ପୋଲିସ।

**ଉଚ୍ଛେଦ ପରେ ପୁଣି ରାସ୍ତାକଡ଼ରେ ବସିଲେ**

ଭଦ୍ରକ,୨୨।୨(ସନାତନ ରାଉତ)

ଭଦ୍ରକ ସହରର ମୁଖ୍ୟରାସ୍ତା ପାର୍ଶ୍ୱରୁ ଉଠାଦୋକାନୀ ଓ ଟ୍ରଲି ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରାଯିବା ପରେ ସେମାନେ ପୁଣି ରାସ୍ତାକଡ଼କୁ କବ୍‌ଜା କରିଛନ୍ତି। ଭଦ୍ରକ ଟାଉନ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସହରକୁ ଟ୍ରଲିମୁକ୍ତ ଓ ରାସ୍ତାକଡ଼ରୁ ଉଠା ଦୋକାନୀମାନଙ୍କୁ ଉଚ୍ଛେଦ ପାଇଁ ପଦକ୍ଷେପ ନେଇଛନ୍ତି। ଶନିବାର ପୂର୍ବାହ୍ନ ୧୦ଟାରେ ଟାଉନ ଥାନା ଛକଠାରୁ ରାସ୍ତାକଡ଼ରେ ବସିଥିବା ଉଠା ଦୋକାନୀମାନଙ୍କୁ ଉଚ୍ଛେଦ ସହ ସେମାନଙ୍କଠାରୁ ଫାଇନ କଟାଯାଇଛି। ପୁନର୍ବାର ରାସ୍ତାକଡ଼ରେ ଟ୍ରଲି ବ୍ୟବସାୟ ଓ ଦୋକାନ ଖୋଲିଲେ ଜବତ କରି ଥାନାକୁ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ପୋଲିସର ଆକ୍ସନ ମୁଡ୍‌କୁ ନେଇ ଉଠାଦୋକାନୀ ଓ ଟ୍ରଲି ବ୍ୟବସାୟୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ୩ ଯୁବତୀଙ୍କ ସହ ଦଲାଲଙ୍କୁ ଧରିଲା ପୋଲିସ

**ବିଭିନ୍ନ ହୋଟେଲରେ ଚଢ଼ାଉ**
■ରୋଡ୍‌ରୋମିଓ, ମଦ୍ୟପଙ୍କ ମଧ୍ୟରେ କୋକୁଆ ଭୟ

ଭଦ୍ରକ,୨୨।୨(ସନାତନ ରାଉତ)

ଭଦ୍ରକ ସିଟି ଡିଏସ୍‌ପି ସମିତ ମାଝୀଙ୍କ ନେତୃତ୍ୱରେ ଟାଉନ ପୋଲିସ ପକ୍ଷରୁ ଶନିବାର ସନ୍ଧ୍ୟାରେ ସହରର ବିଭିନ୍ନ ହୋଟେଲରେ ଚଢ଼ାଉ କରି ୩ ଯୁବତୀଙ୍କ ସହ ୨ ଦଲାଲଙ୍କୁ ପୋଲିସ ଥାନାକୁ ନେଇ ଅଟକ ରଖିଛି। ସୂଚନା ଅନୁଯାୟୀ, ଏସବୁ ହୋଟେଲରେ ଦେହ ବ୍ୟବସାୟ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ସିଟି ଡିଏସ୍‌ପି ସନ୍ଧ୍ୟା ୭ଟାରୁ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଯୋଜନା ମୁତାବକ ଗ୍ରାହକ ସଜାଇ ତାଙ୍କର ବିଶ୍ୱସ୍ତ ଯୁବକଙ୍କୁ ସେହି ହୋଟେଲଗୁଡ଼ିକୁ ପଠାଇଥିଲେ। ସେମାନଙ୍କଠାରୁ ପକ୍କା ଖବର ମିଳିବା ପରେ ହୋଟେଲରେ ଚଢ଼ାଉ କରାଯାଇଥିଲା। ଭଦ୍ରକ ବାଇପାସସ୍ଥିତ ଏକ ହୋଟେଲରୁ ଜଣେ ଯୁବତୀଙ୍କୁ ପୋଲିସ ଉଠାଇଥିବା ବେଳେ ଚରମ୍ପାର ଏକ ହେଟେଲରୁ ଜଣେ ଯୁବତୀଙ୍କ ସହ ଜଣେ ଦଲାଲ ଏବଂ ଏକ ପରିତ୍ୟକ୍ତ ଘରୁ ଜଣେ ଯୁବତୀ ଓ ଜଣେ ଦଲାଲଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି। ସେମାନଙ୍କୁ ଟାଉନ ଥାନାକୁ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସେହିପରି ନୂତନ ସିଟି ଡିଏସ୍‌ପି ଯୋଗଦେବାର ମାତ୍ର ୩ ଦିନ ମଧ୍ୟରେ ସହରରେ ମଦୁଆ, ରୋଡ୍‌ରୋମିଓ ଏବଂ ଅମାନିଆ ବାଇକ୍ ଚାଳକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ରାସ୍ତାକଡ଼ରେ ମଦ ପିଉଥିବା ମଦୁଆଙ୍କୁ ସାବାଡ୍ କରିବା ସହ ବିକଟାଳ ଶବ୍ଦ କରି ଯାଉଥିବା ବାଇକ୍ ଆରୋହୀଙ୍କୁ ଅଟକାଇ ଫାଇନ୍ କାଟୁଛନ୍ତି। ସନ୍ଧ୍ୟାରେ ବିଭିନ୍ନ ସମୟରେ ଧରପଗଡ଼ କରି ବିନା ହେଲ୍‌ମେଟ୍, ବିନା ଲାଇସେନ୍ସରେ ଯାଉଥିବା ଚାଳକମାନଙ୍କଠାରୁ ମଧ୍ୟ ଫାଇନ୍ କାଟୁଛନ୍ତି। ରାତି ହେଉ କି ଦିନ ଯେକୌଣସି ସମୟରେ ତାଙ୍କୁ କଲ୍ କଲେ ୧୦ ମିନିଟ୍ ମଧ୍ୟରେ ସେଠାରେ ନିଶ୍ଚିତ ପହଞ୍ଚିବେ। ସହରରେ ଅପରାଧ ରୋକିବା ପାଇଁ ପଦକ୍ଷେପ ନେବାକୁ ପ୍ରାଥମିକତା ଦିଆଯିବ ବୋଲି ସିଟି ଡିଏସ୍‌ପି ମାଝୀ କହିଛନ୍ତି।

# ରାଷ୍ଟ୍ରମାତାଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ



ସମାରୋହରେ ଉପସ୍ଥିତ ଅତିଥି।

ଭଦ୍ରକ,୨୨।୨(ସନାତନ ରାଉତ)

ଭଦ୍ରକ ଗରଦପୁରସ୍ଥିତ ଐତିହାସିକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରରେ ରାଷ୍ଟ୍ରମାତା କସ୍ତୁରବା ଗାନ୍ଧୀଙ୍କ ୮୧ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ଗାନ୍ଧୀ ବାଳାଶ୍ରମର ମିଳିତ ଆନୁକୂଲ୍ୟରେ ଫେଲୋଶିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ବରିଷ୍ଠ ଶିକ୍ଷାବିତ୍ ରାଜକିଶୋର ସାହୁ, ସାମାଜିକ କର୍ମୀ ସୁଧାକର ରାଉତ ଓ ଲକ୍ଷ୍ମୀକାନ୍ତ ବାରିକ ଯୋଗ ଦେଇଥିଲେ। ରାଷ୍ଟ୍ରମାତା କସ୍ତୁରବା ଗାନ୍ଧୀଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋଚନା କରିବା ସହ ସତ୍ୟ, ଅହିଂସା ପରି ୧୧ଟି ସଂକଳ୍ପକୁ ସମସ୍ତେ ଆପଣେଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ କସ୍ତୁରବା ଓ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ପରେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଭଜନ ଗାନ କରାଯାଇଥିଲା। ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇଥଲେ। ବାଳାଶ୍ରମର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରୋବେସନ ଅଫିସର ତଥାଗତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରାତ୍ର ଜଗୁଆଳିଙ୍କୁ ବାନ୍ଧି ମାଡ଼

**୨ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ**

ବାସୁଦେବପୁର/ସାବରଙ୍ଗ, ୨୨।୨
(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ସହର ମଧ୍ୟରେ ଥିବା ୨ଟି ଏଟିଏମ୍ ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ ଲୁଟେରାମାନେ ଟଙ୍କା ଲୁଟ୍ ଉଦ୍ୟମ କରି ବିଫଳ ହୋଇଛନ୍ତି। ରାତି ପ୍ରାୟ ୨ଟା ବେଳେ ୪/୫ଜଣ ଯୁବକ ଏକ କାର୍‌ରେ ଆସି ବାସୁଦେବପୁର ସହର କଲେଜ ରୋଡ୍‌ର ତାରିଣୀ ଛକଠାରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏଟିଏମ୍ ପାଖରେ ଓହ୍ଲାଇ ଲୁଟ୍ ଉଦ୍ୟମ କରିଥିଲେ। ସେମାନେ ଏଟିଏମ୍‌ର ସିସିକ୍ୟାମେରା ଲେନ୍ସକୁ ରଙ୍ଗ ସ୍ପ୍ରେ କରିବା ସହ ରାତ୍ର ଜଗୁଆଳି ବାବନ ବାରିକଙ୍କୁ ବାନ୍ଧି ମାଡ଼ ମାରି ଭୟଭୀତ କରିଥିଲେ। କିଛି ସମୟ ଧରି ଏଟିଏମ୍ ଭଙ୍ଗାରୁଜା କରୁଥିବାବେଳେ କେତେଜଣ ଲୋକ ପହଞ୍ଚି ଯିବାରୁ ସେମାନେ ପଳାଇ ଯାଇଥିଲେ। ଲୋକେ ଜଗୁଆଳି ବାବନଙ୍କୁ ଉଦ୍ଧାର କରିବା ସହ ତାଙ୍କ ପରିବାରକୁ ଅବଗତ କରିଥିଲେ। ସେହିପରି ବାଳିକା ହାଇସ୍କୁଲ ରୋଡ୍‌ରେ ଥିବା ଷ୍ଟେଟବ୍ୟାଙ୍କ ଶାଖା ଏଟିଏମ୍‌ରୁ ମଧ୍ୟ ଲୁଟ୍ ଉଦ୍ୟମ ହୋଇଛି। ଏଟିଏମ୍‌ର ମୁଖ୍ୟ ଶାଖାରୁ ଫୋନ୍ କଲ୍ ପାଇ ପୋଲିସ ପହଞ୍ଚିବାରୁ ଲୁଟେରା ଚମ୍ପଟ ମାରିଥିଲେ। ଶନିବାର ସକାଳେ ବାସୁଦେବପୁର ଆଇଆଇସି ଲୋପାମୁଦ୍ରା ନାୟକ ତଦନ୍ତ ଆରମ୍ଭ କରିବା ସହ ନିକଟସ୍ଥ ଦୋକାନର ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛନ୍ତି।

# ଝାଡ଼େଶ୍ୱର ମହାଦେବଙ୍କ ମହାଭିଷେକ


କଳସ ପୂଜା କରାଯାଉଛି।

ସାବରଙ୍ଗ,୨୨।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତର ଅଲବଗାଠାରେ ଶନିବାର ପୂର୍ବାହ୍ନ ୧୦ଟାରେ ଝାଡ଼େଶ୍ୱର ମହାଦେବଙ୍କ ମହାଭିଷେକ ଓ ରାଜ ଉପଚାର ଅନୁଷ୍ଠିତ ହୋଇଯାଇଛି। ପୂଜା ଅବସରରେ ମନ୍ଦିର ପରିସରରେ ମହାପ୍ରଭୁ ଜଗନ୍ନାଥଙ୍କ ୩୨ ବେଶ ସହ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବିଷ୍ଣୁମୋହନ ସାହୁ, କମଳାକାନ୍ତ ପାଢ଼ୀ, ଅଲେଖ ସାହୁ, ଖଗେଶ୍ୱର ପଶୁପାଳକ, ଶୁଭ୍ରାଂଶୁ ପଣ୍ଡା, ମହେଶ୍ୱର ପଣ୍ଡା, ଉତ୍ପଳ ପାଢ଼ୀ, ଗୟାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କୋଲକାତା ପୋଲିସ ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିୟନ

**ଚାରୁଚନ୍ଦ୍ର ମେମୋରିଆଲ ଭଲି ଟୁର୍ନାମେଣ୍ଟ**



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ବନ୍ତ,୨୨।୨(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତସ୍ଥିତ ଚାରୁଚନ୍ଦ୍ର ଇଂଲିଶ ମାଧ୍ୟମ ବିଦ୍ୟାଳୟ ପଡ଼ିଆରେ ୨ ଦିନ ଧରି ଚାଲିଥିବା ସର୍ବଭାରତୀୟ ଚାରୁଚନ୍ଦ୍ର ମେମୋରିଆଲ ଭଲିବଲ୍ ଟୁର୍ନାମେଣ୍ଟରେ ବିଶାଖାପାଟନମ୍ ପୋଲିସ ଆନ୍ଧ୍ରକୁ ହରାଇ କୋଲକାତା ପୋଲିସ ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ରାତିରେ ବିଶାଖାପାଟନମ୍ ପୋଲିସ ଆନ୍ଧ୍ର ଓ ବିଳାସପୁର ରେଲୱେ ଛତିଶଗଡ଼ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ୩-୦ରେ ବିଶାଖାପାଟନମ୍ ବିଜୟୀ ହୋଇଥିଲା। କୋଲକାତା ଓ ଭୁବନେଶ୍ୱର ରେନ୍‌ବୋ କ୍ଲବ୍ ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ କୋଲକାତା ୩-୨ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ କୋଲକାତା ୩ ସେଟ୍ ଖେଳ ମଧ୍ୟରୁ ୨-୦ରେ ବିଜୟୀ ହୋଇଥିଲା। ମ୍ୟାଚ୍ ରେଫରୀ ଭାବେ କଳାକାର ସାମଲ, ଦୁର୍ଗାମାଧବ ନାୟକ, ଭାଷ୍ୟକାର ଭାବେ ସଞ୍ଜୟ ମଜୁମଦାର ଓ ସେକ୍ ଆଜାରୁଦ୍ଦିନ୍ ଦାୟିତ୍ୱ ତୁଲାଇଥିଲେ।

ନାଟ୍ୟକାର ଡ.ସୁଧାଂଶୁ ଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଚାମ୍ପିୟନ ଦଳ କୋଲକାତାକୁ ଟ୍ରଫି ସହ ୧୫ ହଜାର ଟଙ୍କା, ରନରଅପ୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଖେଳାଳିଙ୍କୁ ପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗତ ମାଟ୍ରିକ୍ ପରୀକ୍ଷାରେ ବ୍ଲକ ଟପ୍ପର କାଦବରାଙ୍ଗର ପୂର୍ଣ୍ଣିମା ବେହେରା, ବନ୍ତ ଶିଶୁମନ୍ଦିରର ପିକେ ରିଷିତା ବେହେରା ଓ ଚାରୁଚନ୍ଦ୍ର ଇଂଲିଶ ମାଧ୍ୟମ ବିଦ୍ୟାଳୟର ଯୋଗପ୍ରତିଭା ସାଇପ୍ରକାଶ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପୂର୍ବତନ ଭଲି ଖେଳାଳି ରାଧାଗୋବିନ୍ଦ ଦାସ ଓ ହେମନ୍ତ ମଲ୍ଲିକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସାଇସତ୍ୟ ନାୟକ, ସାଇ ଶ୍ୱାଶ୍ୱତ ନାୟକ, ସୁରେଶ୍ୱର ବାରିକ, କ୍ଷୀତିଶ ନାୟକ, ଜଗତ ଜୀବନ ନାୟକ, ବିଳାସ ଦାସ, ଦିଲୀପ ସାହୁ, ଶଶିକାନ୍ତ ସେଠୀ, ମିର୍ ସେହେଜାଦ୍, ମୀର ଆଜୋ, କାହ୍ନା ନାୟକ, ଏସ୍.କେ. ଆଜାରୁଦ୍ଦିନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭଦ୍ରକ ମହିଳା ମହାବିଦ୍ୟାଳୟର ଅଣଶିକ୍ଷା କର୍ମଚାରୀଙ୍କ ଅନଶନ

ଭଦ୍ରକ,୨୨।୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ମହିଳା ମହାବିଦ୍ୟାଳୟର ୧୩ଜଣ ଅଣ ଅନୁଦାନପ୍ରାପ୍ତ ଅଣଶିକ୍ଷା କର୍ମଚାରୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଶୁକ୍ରବାରଠାରୁ ଆମରଣ ଅନଶନରେ ବସିଛନ୍ତି। ପୂର୍ବରୁ ଏହି କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଧାରଣା ଦେଇଥିବା ବେଳେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ସମାଧାନ ନ ହେବାରୁ ପୁନର୍ବାର ଆମରଣ ଅନଶନ କରିଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଏହାସହ କଲେଜରେ ବିଭିନ୍ନ କ୍ଷେତ୍ରରେ ଆର୍ଥିକ ହେର୍‌ଫେର ହୋଇଥିବା ନେଇ ସେମାନେ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

୧୯୮୦ ମସିହାରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ଅଣଶିକ୍ଷା କର୍ମଚାରୀଙ୍କ ଚାକିରି ସମସ୍ୟା ବିଷମ ହୋଇଛି। ଠିକ୍ ସମୟରେ ଇପିଏଫ୍ ଦିଆଯାଉ ନ ଥିବାରୁ ଫାଇନ୍ ସହ ପରବର୍ତ୍ତୀ ମୁହୂର୍ତ୍ତରେ ପୈଠ କରାଯାଉଛି। ୧୯୯୧ -୯୨ ମସିହାରୁ ଏମାନେ ନିଯୁକ୍ତି ପାଇଥିଲେ ମଧ୍ୟ ସେମାନଙ୍କ ପୋଷ୍ଟକୁ ଚଞ୍ଚକତା କରି ଏପାଖ ସେପାଖ କରାଯାଉଥିବାରୁ ଗ୍ରାଣ୍ଟରୁ ସେମାନେ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ ୨୦୧୯ରୁ କଲେଜର ହଷ୍ଟେଲ ବନ୍ଦ ଥିଲେ ମଧ୍ୟ ଜଣେ ୭୫ ବର୍ଷ ବୟସ୍କା ରୋଷେୟାଙ୍କୁ କେୟାରଟେକର ଭାବେ ନିଯୁକ୍ତି ଦିଆଯାଇ ତାଙ୍କ ଦରମା ବୃଦ୍ଧି କରାଯାଉଛି। ୨୦୦୦ ପରେ ପରିଚାଳନା ସମିତି ନିଯୁକ୍ତି ଦେଇପାରିବ ନାହିଁ ବୋଲି ନିୟମ ଥିବାବେଳେ ଏହାକୁ ଉଲ୍ଲଂଘନ କରି ବିନା ବିଜ୍ଞାପନ ଓ ସାକ୍ଷାତକାରରେ ବହୁ ନିଯୁକ୍ତି ଦିଆଯାଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ବିଭିନ୍ନ ଖର୍ଚ୍ଚ ଆଳରେ ବହୁ ଅର୍ଥ ତୋଷାରପାତ ଅଭିଯୋଗ କରି ଅଣଶିକ୍ଷା କର୍ମଚାରୀ ସୁକାନ୍ତି ରାୟ, ହେମଲତା ନାଥ, ସତ୍ୟଭାମା ଖୁଣ୍ଟିଆ, ମହାମାୟା ବର୍ଦ୍ଧନ, ମମତା ସାହୁ, ସାବିତ୍ରୀ


ଅନଶନକାରୀଙ୍କ ସହ ଅଧ୍ୟାପକ ଆଲୋଚନା କରୁଛନ୍ତି।

ଜେନା, ସୁଚିତ୍ରା ରାୟ, ସ୍ମିତା ଲେଙ୍କା, ଶାହୋର ବାନୋ, ଉର୍ମିଳା ପଣ୍ଡା ପ୍ରମୁଖ କର୍ମଚାରୀ ଅନଶନରେ ବସିଛନ୍ତି। ଶନିବାର ଅପରାହ୍ନ ୩ଟାରେ ଅଧ୍ୟକ୍ଷ ନୀଳଗିରି ରବି ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ ଦାସଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ସୋମବାର କଲେଜ ପରିଚାଳନା କମିଟିର ସଭାପତି ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳଙ୍କ ସହ ଏ ବାବଦରେ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଛନ୍ତି। ଏପରିକି ବର୍ଷା ଯୋଗୁ ବିଦ୍ୟୁତ୍ ନ ଥିବାବେଳେ ଅନ୍ଧାରରେ ମଧ୍ୟ ସେମାନେ ଅନଶନରେ ବସିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ସାହୁ କହିଛନ୍ତି, ଆର୍ଥିକ ଅନିୟମିତା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଅନୁପସ୍ଥିତ ଥିବାରୁ ସେମାନଙ୍କ ଦରମା ହୋଇପାରି ନାହିଁ। ଶନିବାର ଷ୍ଟାଫ୍ କାଉନସେଲିଂ ବୈଠକରେ ସେମାନଙ୍କ ସହ ଏ ବାବଦରେ ଆଲୋଚନା କରାଯାଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ରହି ଅନଶନ କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ

ଘସିପୁରା,୨୨।୨(ନିରଞ୍ଜନ ସାହୁ): କେନ୍ଦୁଝର ଜିଲ୍ଲା ଘସିପୁରା ପୋଲିସ ବାଇକ୍ ଚୋରି ଅଭିଯୋଗରେ ଶନିବାର ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ରାମଚନ୍ଦ୍ରପୁର ଥାନା ପୁରୁଣାବାନ୍ଧଗୋଡ଼ା ଗ୍ରାମର କାହ୍ନୁ ଚରଣ ଯେନା, ନନ୍ଦିପଡ଼ା ଥାନା ରମ୍ଭାସର ଗ୍ରାମର ରଞ୍ଜନ ଖୁଣ୍ଟିଆ। କାହ୍ନୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ସରକାରୀ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୪ ତାରିଖରେ ଘସିପୁରା ଥାନା ଶୈଳଙ୍ଗ ବଜାରରୁ ଏକ ବାଇକ୍ ଚୋରି ହୋଇଥିଲା। ଘଟଣାକୁ ନେଇ ରାଜେନ୍ଦ୍ର ଦେହୁରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ୨ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ବାଇକ୍ ଜବତ ହୋଇଥିବା ଘସିପୁରା ଥାନା ଅଧିକାରୀ ମାନସ ବାରିକ କହିଛନ୍ତି।

### ତେଲ ଟ୍ୟାଙ୍କର-କ୍ଷୀର ଗାଡ଼ି ମୁହାଁମୁହିଁ, ୨ ଗୁରୁତର

ଛେନାପଦି/ବଉଳା,୨୨।୨(ନିରାକାର ପରିଡ଼ା/ଦୁର୍ଗା ପ୍ରସାଦ ଆୟଚ) କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନସ୍ଥ ୫୩ ନଂ. ରାଜ୍ୟ ରାଜପଥ ତଥା ଅଣା-ଛେନାପଦିଠାରେ ଶନିବାର ସକାଳ ୬ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ତେଲ ଟ୍ୟାଙ୍କର ସହ ଓମ୍ଫେଡ୍ କ୍ଷୀର ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିବାରୁ ଦୁର୍ଘଟଣାରେ କ୍ଷୀର ଗାଡ଼ିର ଡ୍ରାଇଭର, ହେଲପର ଗୁରୁତର ହୋଇଛନ୍ତି। ସକାଳେ ଘନ କୁହୁଡ଼ି ଥିବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ଆନନ୍ଦପୁରରୁ ତେଲ ଟ୍ୟାଙ୍କର (ନଂ. ଓଡ଼ି ୦୧ ଏ ୪୬୭୧) ଭଦ୍ରକ ଅଭିମୁଖେ ଯାଉଥିଲା। ଭଦ୍ରକରୁ ଛେନାପଦି ଅଭିମୁଖେ ଆସୁଥିବା କ୍ଷୀର ଗାଡ଼ି (ନଂ. ଓଡ଼ି୨୨-ଏଚ-୪୦୭୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। କ୍ଷୀର ଗାଡ଼ିଟିର ସାମ୍ନାପଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଡ୍ରାଇଭର ଗୁଲୁ ପଣ୍ଡା(୫୫) ଓ ହେଲପର ମନୋଜ (୩୨) ଗୁରୁତର ହୋଇଛନ୍ତି। ନନ୍ଦିପଦା ପୋଲିସ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡ୍ରାଇଭରଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# 'ଆଧ୍ୟାତ୍ମିକତା ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରେ'

### ସୁଖ ଶାନ୍ତି ସରୋବର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୨୨।୨
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାଷଣ ରଖୁଛନ୍ତି।

କେନ୍ଦୁଝର ପ୍ରଜାପିତା ବ୍ରହ୍ମକୁମାରୀ ଶାଖାର ପୁରୁଣା ବଜାରଠାରେ ନବ ନିର୍ମିତ କାର୍ଯ୍ୟାଳୟ ସୁଖ ଶାନ୍ତି ସରୋବରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଏହା ଭବ୍ୟ ନୂତନ କୋଠାର ଉଦ୍‌ଘାଟନ ନୁହେଁ, ବରଂ ସାରା ବିଶ୍ୱରେ ଶାନ୍ତି, ପ୍ରେମ ଏବଂ ଆଧ୍ୟାତ୍ମିକ ଜ୍ଞାନ ପ୍ରସାର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିପାଦନ କରିବ। ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡ଼ମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦେଉଛି। ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ ବୋଲି କହିଥିଲେ। ଆହୁରି କହିଥିଲେ, ଆଜିର ଏଆଇ ଯୁଗରେ ସମସ୍ତେ କର୍ମବ୍ୟସ୍ତତା ଭିତରେ କାହା ସହିତ ପଦେ ମନଭରି କଥା ହେବା ପାଇଁ ମଧ୍ୟ ଆମର ବେଳ ନ ଥିବାରୁ ପାରିବାରିକ ଓ ସାମାଜିକ ସମ୍ପର୍କ ଅବକ୍ଷୟଗାମୀ ହେଉଛି। ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ନୀତି ନିଷ୍ଠା ପ୍ରଚେଷ୍ଟା ପୁନର୍ବାର ସେହି ପ୍ରେମ ଶାନ୍ତି ଓ ସୌହାର୍ଦ୍ଧ୍ୟ ଫେରାଇ ଆଣିବ ବୋଲି ଆଶା ବ୍ୟକ୍ତ କରିଥିଲେ। ସୁଖ ଶାନ୍ତି ସରୋବର କୋଠା କେବଳ ଇଟା ଏବଂ ସିମେଣ୍ଟ ନୁହେଁ ବରଂ ଏହା ଜ୍ଞାନ ଏବଂ କରୁଣାର ଏକ ପବିତ୍ର ସ୍ଥାନ। ଏଠାରେ ବ୍ୟକ୍ତିମାନେ ଆଧ୍ୟାତ୍ମିକ ସଶକ୍ତିକରଣ ମାଧ୍ୟମରେ ଶିଖିବା, ବୃଦ୍ଧି ପାଇବା ଏବଂ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ପାଇଁ ଏକାଠି ହେବେ। ୨୦୪୭ରେ ଯେତେବେଳେ ସମଗ୍ର ଭାରତବର୍ଷ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଥିବ, ବିକଶିତ ଭାରତର ଅଜେୟ ଗାଥାରେ, ଅର୍ଥନୀତି, ରାଜନୀତି, ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଭଳି ଆଧ୍ୟାତ୍ମିକତା ମଧ୍ୟ ଅନନ୍ୟ ବ୍ୟାଖ୍ୟା ବହନ କରୁଥିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷ ସାଗରିକା ସାହୁ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ବ୍ରହ୍ମକୁମାରୀ କଟକ ସବ୍-ଜୋନ ନିର୍ଦ୍ଦେଶିକା କମଲେଶ ଦିଦିଜୀ, ବ୍ରହ୍ମାକୁମାରୀ ସଂସ୍ଥାର ଅତିରିକ୍ତ ମୁଖ୍ୟ ଜୟନ୍ତୀ ଦିଦିଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷା ଉଜାଡ଼ିଲା କଦଳୀ ଚାଷ

ଆନନ୍ଦପୁର,୨୨।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତରେ ଅଦିନିଆ ବର୍ଷାରେ ବ୍ୟାପକ ଫସଲ ନଷ୍ଟ ହୋଇଯାଇଛି। ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି। ୪୦୦ରୁ ଊର୍ଦ୍ଧ୍ୱ ଫଳନ୍ତି କଦଳୀ ଗଛ ମାଟିରେ ଲୋଟିଛି। ଏହାକୁ ଦେଖି ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ବାର୍ଣ୍ଣିଡ଼ି ମୌଜା ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଚାଷୀ ଅନାମ ଚରମ ସାହୁ ଏକ ଏକରରୁ ଊର୍ଦ୍ଧ୍ୱ ଜମିରେ କଦଳୀ ଚାଷ କରିଥିଲେ। ସେ ବ୍ୟାଙ୍କରୁ ଋଣ କରି ଉଦ୍ୟାନ ବିଭାଗରୁ ୪୦୦ କଦଳୀ ଚାରା ଆଣି ଲଗାଇଥିଲେ। ପ୍ରତ୍ୟକ ଗଛରେ କଦଳୀ କାନ୍ଦୀ ବଢ଼ିଥିଲା। ଆଉ ଦିନ କେଇଟାରେ କଦଳୀ ବିକ୍ରି ଯୋଗ୍ୟ ହୋଇଥାନ୍ତା। ଗତ ଗୁରୁବାର ଅପରାହ୍ନରେ ଅଦିନିଆ ଝଡ଼ତୋଫାନରେ କଦଳୀ ବଗିଚାଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ପଡ଼ିଛି। ପବନ ବେଗ୍‌ରେ ଫଳନ୍ତି ଗଛଗୁଡ଼ିକ ମାଟିରେ ଲୋଟିଛି। ଅମଳ ପୂର୍ବରୁ ଝଡ଼ ତୋଫାନ ସବୁ ସାରିଦେଲା। ଅନାମ କେମିତି ଋଣ ପରିଶଧ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଭରଣା କରିବାକୁ ସେ ଅଧିକାରୀଙ୍କୁ ନିବେଦନ କରିଛନ୍ତି।


ଉଜୁଡ଼ା କ୍ଷେତ ନିକଟରେ ଚାଷୀ।

# ଟ୍ରାଫିକ୍ ସମସ୍ୟାରେ ଅତିଷ୍ଠ ପରୀକ୍ଷାର୍ଥୀ

ଯୋଡ଼ା,୨୨।୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା- ବାଂଶପାଣି ରାସ୍ତାରେ ଶନିବାର ଟ୍ରାଫିକ ସମସ୍ୟା ଯୋଗୁ ବିଭିନ୍ନ ସ୍କୁଲ୍‌ର ପରୀକ୍ଷାର୍ଥୀମାନେ ଅତିଷ୍ଠ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଟ୍ରାଫିକ୍ ନିୟନ୍ତ୍ରଣ ଅଭାବରୁ ରାସ୍ତାରେ ଚାରି ପାଞ୍ଚ ଲାଇନ୍‌ରେ ଛିଡ଼ା କରି ଖଣିଜ ବୋଝେଇ ଟ୍ରକଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରାସ୍ତା କୁ କବଜା କରି ରଖିଥିଲେ।



ବିଭିନ୍ନ ଗ୍ରାମାଞ୍ଚଳରୁ ଯୋଡ଼ା ଆସୁଥିବା ପରୀକ୍ଷାର୍ଥୀ ବିଳମ୍ବରେ ସ୍କୁଲରେ ପହଞ୍ଚିଥିବା ନେଇ ଅଭିଭାବକମାନେ ଅଭିଯୋଗ କରିବା ସହିତ ପରୀକ୍ଷା ସମୟରେ ପ୍ରଶାସନ ପକ୍ଷରୁ ସକାଳ ସମୟରେ ଭାରିଯାନ ଚଳାଚଳ ବନ୍ଦ ରଖିବା ପାଇଁ ଦାବି କରିଛନ୍ତି। ବିଶେଷ କରି ବିଭିନ୍ନ ଖଣିରୁ ବାଂଶପାଣି ରେଳ ସାଇଡ଼ିଂକୁ ଆସୁଥିବା ଖଣିଜ ବୋଝେଇ ଟ୍ରକ୍‌ଗୁଡ଼ିକ ଟ୍ରାଫିକ ନିୟମକୁ ମାନୁନାହାନ୍ତି। ରାସ୍ତା ଜାମ କରୁଥିବାରୁ ସ୍କୁଲ ବସ୍ ଛୋଟ ଯାନବାହାନ ଓ ବାଇକ ଆରୋହୀ ଅଟକି ରହୁଛନ୍ତି। ପୋଲିସ ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ରାସ୍ତା ଟ୍ରାଫିକ ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ୨୧୪ ଅଯୋଗ୍ୟ ହିତାଧିକାରୀଙ୍କ ରାଶନକାର୍ଡ କଟିଲା

### ହାଟଡ଼ିହୀ ବ୍ଲକ୍

ହାଟଡ଼ିହୀ,୨୨।୨(ଶୁଭକାନ୍ତ ନାୟକ)

ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଥିବା ଯୋଗ୍ୟ ଏବଂ ଅଯୋଗ୍ୟ, ଭୂତ ହିତାଧିକାରୀଙ୍କୁ ଚିହ୍ନଟ ଏବଂ ସ୍ୱଚ୍ଛତା ଆଣିବା ପାଇଁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାର ଅବଧି ସମୟ ଯେତେ ବଢ଼ି ଚାଲିଛି, ସେତେ ଅଧିକ ସଂଖ୍ୟାରେ ଅଯୋଗ୍ୟ ହିତାଧିକାରୀ ଧରା ପଡୁଛନ୍ତି। ତେବେ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ତରଫରୁ ବ୍ଲକ୍ ଅନୁସାରେ ଅଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ସମ୍ପୃକ୍ତ ବ୍ଲକ୍‌ମାନଙ୍କୁ ଦିଆଯାଇଥିଲା। ଏହି କ୍ରମରେ ହାଟଡ଼ିହୀ ବ୍ଲକ୍‌ରେ ୨୧୪ ଜଣ ଅଯୋଗ୍ୟ ହିତାଧିକାରୀ ନାମ ରାସନକାର୍ଡରୁ କଢ଼ିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌କୁ ଆସିଥିବା ତାଲିକାରେ ୧୩୨ ପରିବାରର ୫୧୪ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ନାମ ରହିଥିଲା। ଏହି ତାଲିକା ଆଧାରରେ ବ୍ଲକ୍ ଯୋଗାଣ ଅଧିକାରୀ ବିଭିନ୍ନ ପଞ୍ଚାୟତକୁ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା। ଅଦ୍ୟାବଧି ୫୭ ପରିବାରର ୨୧୪ ଜଣ ଅଯୋଗ୍ୟ ହିତାଧିକାରୀ ଧରାପଡ଼ିଲେଣି। ଏଥିରେ ନର୍ସିଂ ଅଫିସର, ଅଧ୍ୟାପକ, କନିଷ୍ଠ ଶିକ୍ଷକ, କନଷ୍ଟେବଲ, ଡିଇଓ ପ୍ରଭୃତି ବର୍ଗର ବ୍ୟକ୍ତି ବିଶେଷ ଅଛନ୍ତି। ପଞ୍ଚାୟତଗୁଡ଼ିକ ତରଫରୁ ରିପୋର୍ଟ ପାଇବା ପରେ ସେମାନଙ୍କର ନାମ ରାସନ କାର୍ଡ ତାଲିକାରୁ କଟାଯାଇଥିବା ବ୍ଲକ୍ ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି। ଏଚ୍‌ଆରଏମଏସ ପୋର୍ଟାଲରୁ ସଂଗୃହିତ ତାଲିକା ଆଧାରରେ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ଧରାପଡ଼ିଥିବା ଅଯୋଗ୍ୟ ହିତାଧିକାରୀଙ୍କ ରାସନ ସାମଗ୍ରୀ ଡିଲର ନା ହିତାଧିକାରୀ ନେଉଥିଲେ, ସେ ବାବଦରେ କୌଣସି ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ହୋଇନି। ଅନ୍ୟପକ୍ଷେ ବ୍ଲକ୍‌ରେ ଆହୁରି ପ୍ରାୟ ୨୦ ହଜାର ଲୋକ ଇ-କେୱାଇସି କରି ନ ଥିବା ଜଣାପଡ଼ିଛି।

### ସନ୍ଦେହଜନକ ଅବସ୍ଥାରେ ବ୍ୟକ୍ତିଙ୍କ ମୃତଦେହ ଜବତ

ପାଟଣା,୨୨।୨(ବୀର କିଶୋରଦାଶ): କେନ୍ଦୁଝର ଜିଲା ପାଟଣା ଥାନା ବଡ ଧନୁର୍ଯ୍ୟୟପୁର ମାଣ୍ଡୁଆ ସାହିର ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ଅବସ୍ଥାରେ ଶନିବାର ମୃତଦେହ ଜବତ ହୋଇଛି। ମୃତକ ଗ୍ରାମର ଲାଗ ମୁଣ୍ଡା(୫୫)। ଲାଗଙ୍କ ମୃତ ଦେହ ପୁତୁରା ବଂଶୀଧରଙ୍କ ଘର ଅଗଣାରୁ ଜବତ ହୋଇଛି। ଲାଗଙ୍କ ଛାତିରେ ଏକ ଇଞ୍ଚ ଚଉଡ଼ାର ପୋଡ଼ା ଦାଗ ଥିବା ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି। ବଂଶୀଧରଙ୍କୁ ସନ୍ଦେହରେ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି। ପାଟଣା ଥାନାରେ ଏକ ମାମଲା(ନଂ.୨୯/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମୟୂରଭଞ୍ଜ

# ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଉଦ୍ୟମ

ବାରିପଦା,୨୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନାବାର୍ଡଙ୍କ ସହାୟତାରେ ଅସହାୟ ଗରିବ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ନାବାର୍ଡ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ନାବାର୍ଡ ଏବଂ ବନ୍ଧନର ମିଳିତ ଉଦ୍ୟମରେ ରାୟରଙ୍ଗପୁର ଅରବିନ୍ଦ ସ୍କୁଲ ଲାଇନ ବନ୍ଧନ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାବାର୍ଡ ଜିଏମ ପ୍ରଭାସ ଦତ୍ତ ସାହୁ, ଡିଡିଏମ ସମ୍ରାଟ କୁମାର ମହନ୍ତ, ବୃନ୍ଦାବନ ମ୍ୟାନେଜର ସୋମିତ୍ର ରାୟ, କର୍ମଚାରୀ ସୋମେନ ପାଲ, ବନ୍ଧନ କ୍ଷେତ୍ର ସଂଯୋଜକ ବଳରାମ ମଣ୍ଡଳ, ସମ୍ପ୍ରଦାୟ ସଂଗଠକ ଜଗନ୍ନାଥ ସିଂ, ସଞ୍ଜୀୟ ବର୍ମନ, ସାଗର ବେହେରା ପ୍ରମୁଖ ଉପସ୍ଥିତ ରହି ମହିଳାଙ୍କୁ ଛୋଟ ବ୍ୟବସାୟ ଆରମ୍ଭ କରିବା ପାଇଁ ଆର୍ଥିକ ସହାୟତା ଏବଂ କଞ୍ଚାମାଲ ଯୋଗାଇ ଦେଇଛନ୍ତି।

# ବିଭିନ୍ନ ମଣ୍ଡି ପରିଦର୍ଶନ କଲେ ରାଜ୍ୟ କୃଷକମୋର୍ଚ୍ଚା ସଭାପତି

ଉଦଳା, ୨୨।୨ (ସନ୍ତୋଷ କୁମାର ବାଛିନି)


ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଓ ଅନ୍ୟମାନେ।

ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ରାଜ୍ୟ ସରକାର ଘୋଷଣା କରିଥିବା ବେଳେ ମଣ୍ଡି ପକ୍ଷରୁ କଟ୍‌ନି ଛଟ୍‌ନି କରାଯାଉଥିବାରୁ କୃଷକମାନଙ୍କୁ ସେମାନଙ୍କ ଉପଯୁକ୍ତ ମୂଲ୍ୟ ମିଳିପାରୁ ନାହିଁ। ଏହାକୁ ନେଇ କୃଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଭିଯୋଗକୁ ଭିତ୍ତିକରି ଶନିବାର ମଧ୍ୟାହ୍ନରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଉଦଳା ଅଞ୍ଚଳ ଗସ୍ତ କରି ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଶାଳଚୁଆ, ଉଦଳା, ଡିହିରାକୁଳ, ବିସିପୁର, ଖୁଣ୍ଟା, ବାସିପିଠା ଆଦି ମଣ୍ଡି ପରିଦର୍ଶନ କରିଥିବା ବେଳେ ସେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀମାନେ ଏହି ଅବସରରେ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ମୋହନ ସରକାର ଓଡ଼ିଶାରେ ଧାନ କିଣା କାରବାରରେ ସ୍ୱଚ୍ଛତା ଓ ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସାହୁ ଚେତାବନୀ ଦେଇଛନ୍ତି।

ସେ ଆହୁରି କହିଥିଲେ ଯେ, ଧାନକିଣା କାରବାରରେ ଅଭିଯୋଗ ଉପରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ଅଭିଯୋଗ ଅନୁଯାୟୀ ପରିବହନ ପାଇଁ ଆବଶ୍ୟକ ଗାଡ଼ି ମିଲରମାନେ ଯୋଗାଇ ଦେଉ ନ ଥିବା କାରଣରୁ ଧାନ ସଂଗ୍ରହ କାରବାରରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅବ୍ୟବସ୍ଥାର ତଦନ୍ତ କରାଯାଇ ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଉଦଳା ନିର୍ବାଚନମଣ୍ଡଳୀରେ ଧାନ ମଣ୍ଡିଗୁଡ଼ିକରେ ବ୍ୟାପକ ଭାବେ କଟ୍‌ନି ଛଟ୍‌ନି ହେଉଥିବା ନେଇ ଚାଷୀମାନେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମିଲରମାନଙ୍କ ମନମାନି ଚରମସୀମାରେ ପହଞ୍ଚିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କ ମଣ୍ଡି ପରିଦର୍ଶନ ସମୟରେ ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଜିଲା ଧାନ ସଂଗ୍ରହ କମିଟି ସଦସ୍ୟ ଗୋବିନ୍ଦ ମହାପାତ୍ର, ରଞ୍ଜନ କୁମାର ମହାନ୍ତ, ଜିଲା କୃଷକ ମୋର୍ଚ୍ଚା ସଭାପତି ଗିରିଶ ଚନ୍ଦ୍ର ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମହାନ୍ତ, ରାଜକିଶୋର ପଣ୍ଡାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ୨ ୱାରେଣ୍ଟି ଗିରଫ

ମୋରଡ଼ା,୨୨।୨(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ପୋଲିସ ଶନିବାର ୨ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସୂଚନା ମୁତାବକ, ଥାନା ଅଧୀନ ଭଦ୍ରାଶୋଳ ଗ୍ରାମର ବନମାଳି ନାଏକଙ୍କ ପୁଅ ରାଜୀବ ନାଏକ ଏବଂ ଭାନୁ ମଲ୍ଲିକଙ୍କ ପୁଅ ପେଟୁ ମଲ୍ଲିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ।

# 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଭୂଇଁର ସ୍ମୃତି ଯବକାଚରେ ଏକ ଅମଳିନ ପ୍ରତିଭା


ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧ ଦିବସ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥି।

ବାରିପଦା, ୨୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜର ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୧୩ତମ ଶ୍ରାଦ୍ଧ ଦିବସ ମୟୂରଭଞ୍ଜ ସିଟିଜେନ ଫୋରମ ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ମଧୁବନସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସ୍ମୃତିପୀଠରେ ଫୋରମ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପୂର୍ବାହ୍ନରେ ଫୋରମର ସଭାପତି ତଥା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀଙ୍କ ଭଞ୍ଜଦେଓଙ୍କ ପୌରୋହିତ୍ୟରେ ବାରିପଦା ବେଲଗଡ଼ିଆସ୍ଥିତ ରାଜପ୍ରସାଦରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଫୋରମର ସମ୍ପାଦକ ବିଭୁଦତ୍ତ ଦାସ ସ୍ୱାଗତ ଅଭିଭାଷଣ ରଖିଥିଲେ। ମଞ୍ଚାସୀନ ଫୋରମର ପୃଷ୍ଠପୋଷକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ମୟୂରଭଞ୍ଜ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି କର୍ନେଲ ଡ. ଅଶୋକ ଦାସ ପ୍ରମୁଖ କହିଥିଲେ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଭୂଇଁର ସ୍ମୃତି ଯବକାଚରେ ଏକ ଅମଳିନ ପ୍ରତିଭା। ତାଙ୍କ ଶ୍ରାଦ୍ଧ ଦିବସ ସମଗ୍ର ଓଡ଼ିଶା ପାଇଁ ଏକ ସ୍ମୃତି ଦିବସ।

### ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧନା

ଏହି ଅବସରରେ ଏ ମାଟିର ୧୫ ହଜାରରୁ ଊର୍ଦ୍ଧ୍ୱ ବୀର ଅବସରପ୍ରାପ୍ତ ସୈନିକଙ୍କୁ ନେଇ ଗଠିତ ଜିଲା ସଂଘର ୧୫ଜଣ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୀପକ ନାୟକ, ରାକେଶ ସିଂ, ସଞ୍ଜୁକ୍ତା ବସା, ଦେବାଶିଷ ପାତ୍ର, ଅନୀଲ ସିଂ ଓ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ମହାରାଜାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୁକାନ୍ତ ଜୀଉ ଓ କ୍ଷୀରୋଦ ମହାନ୍ତଙ୍କ ସହ ରାଜପ୍ରସାଦର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦୟ ନାଥ ଜେନା, ପୀତାମ୍ବର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ସୟେଦ ସିରାଜୁଦ୍ଦିନ, ଦୀପକ ନାୟକ, ଦିଲୀପ ପାତ୍ର, ଲଳିତ ବାରିକ, ହରେକୃଷ୍ଣ ପାତ୍ର, ଆଇନଜୀବୀ ପ୍ରଦୀପ ପଲେଇ ପ୍ରମୁଖ ଯୋଗଦେଇଥିଲେ। ଅନୁରୂପ ଭଞ୍ଜସେନା ପକ୍ଷରୁ ଏହି ଦିବସ ପାଳନ କରାଯାଇଛି।

# ଆଦର୍ଶ ମହାସଂଘର ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା

ଗୋପବନ୍ଧୁନଗର, ୨୨।୨
(ଶାନ୍ତନୁ କୁମାର ମଙ୍ଗୁଆଲ)

ଗୋପବନ୍ଧୁନଗର ବ୍ଲକ କୁଶଳଦାରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଆଦର୍ଶ ମହାସଂଘ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଶଳଦା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶୀଧର ବାରିକ, ସମ୍ମାନିତ ଅତିଥି ଭାବେ ଖବରଦାତା ଚିତ୍ତରଞ୍ଜନ ଦଳେଇ, ସମିତିସଭ୍ୟ ରାମଚନ୍ଦ୍ର ସିଂ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶେଷଦେବ ଦାଶ, ବ୍ଲକ ଏଇସି ନିରୁପମା ତ୍ରିପାଠୀ, ପଦ୍ମାବତୀ ସାହୁ, ମିଶନ ଶକ୍ତିର ବ୍ଲକ ସଂଯୋଜକ କମଳାକାନ୍ତ ଶଙ୍ଖୁଆ, ବ୍ଲକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଲିପୁନ ସିଂ ପ୍ରମୁଖ ଯୋଗଦେଇ ମିଶନଶକ୍ତିକୁ ମହାଶକ୍ତି ବୋଲି ସମ୍ବୋଧନ କରିଥିଲେ। କୁଶଳଦା ପଞ୍ଚାୟତର ମୋଟ ୧୩୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବେଲୁନ ଫୁଙ୍କା, ଶଙ୍ଖ ଫୁଙ୍କା, ମିଉଜିକ ଚେୟାର, ଦୌଡ ଓ ଝୋଟି ଭଳି ୫ ଟି ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତି ବିଭାଗରୁ ୩ଜଣ ଲେଖାଏଁ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଆଦର୍ଶ ମହାସଂଘର ସଭାପତି ସୁଦୀପ୍ତା ବାରିକ, ସମ୍ପାଦିକା ପାର୍ବତୀ ହାଁସଦା ଓ ଅନ୍ୟ ସମସ୍ତ ସଦସ୍ୟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ଏମବିକେ ଚମ୍ପାରାଣୀ ହାଁସଦା, ସମସ୍ତ ସି ଆରପିଓଇସି ଏବଂ ବ୍ୟାଙ୍କ ମିତ୍ର ଉପସ୍ଥିତ ଥିଲେ। ସୁଦୀପ୍ତା ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାମଚନ୍ଦ୍ର ସିଂ ମଞ୍ଚ ପରିଚାଳନା କରିଥିଲେ। ଏହି ମହାସଂଘ ଦ୍ୱାରା ଗ୍ରାମାଞ୍ଚଳର ମା'ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହିତ ନିଜ ମଧ୍ୟରେ ଆଗ୍ରହ ଉଦ୍ଦୀପନା ସୃଷ୍ଟି କରିବାର ପ୍ରୟାସକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ସନ୍ଧ୍ୟାରେ ମା'ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଆପାତକାଳୀନ ବିପଦର ମୁକାବିଲା ନିମନ୍ତେ ମକ୍‌ଡ୍ରିଲ

ବାରିପଦା,୨୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବେଲପାଳ ପରିସରରେ ଶନିବାର ଅପରାହ୍ନ ୨ଟାରେ ପ୍ରାକୃତିକ ବିପର୍ଯ୍ୟୟ ଓ ଆକସ୍ମିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଆକସ୍ମିକ ଦୁର୍ଘଟଣା ମଧ୍ୟରେ ଗ୍ୟାସ ଟାଙ୍କି ଓ ରୋଷେଇ ସରଞ୍ଜାମରେ ଲାଗିଥିବା ନିଆଁକୁ ଲିଭାଇବା, ଅଗ୍ନିକାଣ୍ଡକୁ ପ୍ରଶମିତ କରିବା, ବଜ୍ରପାତରୁ ରକ୍ଷା ପାଇବା, ବନ୍ୟା ପରିସ୍ଥିତିରେ ବୁଡ଼ି ଯାଉଥିବା କିମ୍ବା ଭାସୁଥିବା ଲୋକ କିମ୍ବା ଗୃହପାଳିତ ପ୍ରାଣୀକୁ ଉଦ୍ଧାର କରିବା ଆଦି କୌଶଳଗୁଡ଼ିକ ଶିଶୁ ଭଉଣୀଭାଇମାନଙ୍କୁ ମକ୍‌ଡ୍ରିଲ ମାଧ୍ୟମରେ ତାଲିମ କରିଥିଲେ। ସେହିପରି ଜରୁରିକାଳୀନ ପରିସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରି ଏହାର ତ୍ୱରିତ ମୁକାବିଲା କରିବା ପାଇଁ ମକ୍‌ଡ୍ରିଲ ମାଧ୍ୟମରେ ଅବଗତ କରିଥିଲେ। ବଡ଼ସାହି ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ


ଅଗ୍ନିଶମ କର୍ମଚାରୀ ଛାତ୍ରୀଛାତ୍ରଙ୍କୁ ଆକସ୍ମିତ ଦୁର୍ଘଟଣା ମୁକାବିଲା କୌଶଳ ଶିକ୍ଷା ଦେଉଛନ୍ତି।

ପ୍ରଦୀପ ପାତ୍ରଙ୍କ ତତ୍ତ୍ୱାବଧାନରେ ଡ୍ରାଇଭର ହାବିଲଦାର ହିରଣ୍ୟ ରଣା, ଫାୟାର ମ୍ୟାନ ରାଜେଶ୍ୱର ପାତ୍ର, ଚିତ୍ତରଞ୍ଜନ ମଲ୍ଲିକ ଓ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଦୀପ କୁମାର ଭୂୟାଁ, ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ସସ୍ମିତା ରାଣୀ ଭୂୟାଁ, ସମସ୍ତ ଗୁରୁମା ଗୁରୁଜୀ, ଅପା ଭାଇ ଓ ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

